ରମେଶ ଚନ୍ଦ୍ର ତିୱାରୀ ଏବଂ ଅନ୍ୟଜଣେ

ବନାମ

ୟୁ. ପି. ଆବାସ ଏବଂ ବିକାଶ ପରିଷଦ, ଲକ୍ଷ୍ନୌ ଏବଂ ଅନ୍ୟମାନେ

ଜାନୁଆରୀ 8,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894/ୟୁ. ପି. ଆୱାସ ଏବଂ ବିକାଶ ପରିଷଦ ଅଧିନିୟମ, 1965:ଧାରା 6, 28, 32 ଏବଂ ଅନୁସୂଚୀର ପାରା 2 ସହିତ ପାଠ କରାଯାଉଥିବା ଧାରା 55/ ଅନୁସୂଚୀର 38--ଅଧିଗ୍ରହଣ ଅଧିନିୟମ ଅନୁଯାୟୀ ଆରମ୍ଭ କରାଯାଇଥିଲା -- ନିର୍ଣ୍ଣୟ ହୋଇଛି, ଜମି ଅଧିଗ୍ରହଣ ଅଧିନିୟମର ଧାରା 6 ଲାଗୁ ହେବ ନାହିଁ-- ଧାରା 28 ଏବଂ 32 ରେ ଥିବା ନିର୍ଦ୍ଧାରିତ ପ୍ରକ୍ରିୟା ଯାହାକୁ ଅନୁସୂଚୀର ପାରା 2 ସହିତ ପାଠକରାଯାଉଥିବା ଧାରା 55 ର କାର୍ଯ୍ୟକାରିତା ଦ୍ୱାରା ସଂଶୋଧିତ କରାଯାଇଛି, ତାହା ଅଧିନିୟମରେ ଲାଗୁ ହୁଏ --ନିର୍ଣ୍ଣୟ ହୋଇଛି ଯେ 1984 ର ଅଧିଗ୍ରହଣ (ସଂଶୋଧିତ) ଅଧିନିୟମ 68 ଲାଗୁ ହେବ ନାହିଁ-- ଅଧିନିୟମର ଧାରା 28 ଅନୁଯାୟୀ ଜାରି ହୋଇଥିବା ବିଜ୍ଞପ୍ତି ଏବଂ ଅଧିନିୟମର ଧାରା 38 ଅନୁଯାୟୀ କରାଯାଇଥିବା ଘୋଷଣାକୁ ବୈଧ ଭାବେ ନିର୍ଣ୍ଣୟ ହୋଇଛି-- ଦାବିଦାରମାନେ ଅଧିନିୟମର ଧାରା 32 ଅନୁଯାୟୀ କ୍ଷତିପୂରଣ ପାଇବାକୁ ହକଦାର ।*

*ଗୌରୀ ଶଙ୍କର ଗୌର ଏବଂ ଅନ୍ୟମାନେ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ,* **[1994] 1 ଏସସିସି 92** ଏବଂ *ୟୁ. ପି. ଆବାସ ଏବଂ ବିକାଶ ପରିଷଦ, ଲକ୍ଷ୍ନୌ ବନାମ ଲତା ଅୱସ୍ଥି,* **[1995] 3 ଏସସିସି 573** ମାମଲା ଉପରେ ନିର୍ଭର କରାଯାଇଥିଲା ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1823/1996

3.10.85 ତାରିଖରେ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ସି.ଏମ.ଡବ୍ଲୁ.ପି. ସଂଖ୍ୟା 9295/1984 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଯୋଗେଶ୍ୱର ପ୍ରସାଦ, ଆଟର୍ଣ୍ଣି ଜେନେରାଲ, ପି. କେ. ବଜାଜ ଏବଂ ସୁଶ୍ରୀ ରଚନା ଗୁପ୍ତା ଆବେଦନକାରୀଙ୍କ ପାଇଁ ।

ରେଣୁ ଜର୍ଜ ଏବଂ ପି. କେ. ଜୈନ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଏହି ମାମଲାରେ ଉଠାଯାଇଥିବା ବିବାଦକୁ *ଗୌରୀ ଶଙ୍କର ଗୌର ଏବଂ ଅନ୍ୟମାନେ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ,* [1994] 1 ଏସସିସି 92 ମାମଲାରେ ଏହି ନ୍ୟାୟାଳୟର ରାୟ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଆଲୋକିତ କରାଯାଇଛି, ଯେଉଁଥିରେ ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ ଜମି ଅଧିଗ୍ରହଣ ଅଧିନିୟମ 1894 ର ଧାରା 6 ର ବ୍ୟବସ୍ଥା ୟୁ. ପି. ଆବାସ ଏବଂ ବିକାଶ ପରିଷଦ ଅଧିନିୟମ, 1965 ଅଧୀନରେ ଆରମ୍ଭ କରାଯାଇଥିବା ଅଧିଗ୍ରହଣ ଉପରେ କୌଣସି ପ୍ରୟୋଗ ହୋଇନଥିଲା ଏବଂ ଅନୁସୂଚୀର ପାରା 2 ସହିତ ପାଠକରାଯାଉଥିବା ଧାରା 55ର କାର୍ଯ୍ୟକାରିତା ଦ୍ୱାରା ସଂଶୋଧିତ ଧାରା 28 ଏବଂ 32ରେ ନିର୍ଦ୍ଧାରିତ ପ୍ରକ୍ରିୟା ଲାଗୁ ହେବ । ଫଳସ୍ୱରୂପ 1984ର ଜମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ 68ର କୌଣସି

ପ୍ରୟୋଗ ନଥିଲା । ଉପରୋକ୍ତ ମତକୁ ଏହି ନ୍ୟାୟାଳୟ *ୟୁ. ପି. ଆବାସ ଏବଂ ବିକାଶ ପରିଷଦ, ଲକ୍ଷ୍ନୌ ବନାମ ଲତା ଅୱସ୍ଥି,* [1995] 3 ଏସସିସି 573 ମାମଲାରେ ଦୋହରାଇଥିଲେ । ଫଳସ୍ୱରୂପ ଧାରା 28 ଅନୁଯାୟୀ ଜାରି କରାଯାଇଥିବା ଅଧିସୂଚନା ଏବଂ ଅଧିନିୟମର ଧାରା 38 ଅନୁଯାୟୀ କରାଯାଇଥିବା ଘୋଷଣା ଆଇନରେ ବୈଧ ଅଟେ । ଅଧିନିୟମ ଅଧୀନରେ ନିର୍ଦ୍ଧାରିତ ପ୍ରକ୍ରିୟା ପ୍ରାଧାନ୍ୟ ବିସ୍ତାର କରିବା ଉଚିତ । 1984 ର ସଂଶୋଧନ ଅଧିନିୟମ 68, ଅଧିନିୟମ ଅଧୀନରେ ଅଧିଗ୍ରହଣ ପାଇଁ ପ୍ରଯୁଜ୍ୟ ନୁହେଁ । ତେବେ, *ଗୌରୀ ଶଙ୍କରଙ୍କ* ମାମଲାରେ (ଉପରୋକ୍ତ) ପ୍ରଦାନ କରାଯାଇଥିବା ରାୟକୁ ଦୃଷ୍ଟିରେ ରଖି, ଆବେଦନକାରୀମାନେ ଅଧିନିୟମ 32 ଅନୁଯାୟୀ ଘୋଷଣା ତାରିଖ ସନ୍ଦର୍ଭରେ ନିର୍ଦ୍ଧାରିତ କ୍ଷତିପୂରଣ ପାଇବାକୁ ହକଦାର ହେବେ ।

ତଦନୁସାରେ ଆବେଦନର ଫଏସଲା କରାଗଲା ।

ଜି. ଏନ୍. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।